
ISSN: 2456-9194, Vol. I, Issue. III, 2017

ପ୍ରତ୍ୟୟ

(Journal of Odia Language, Culture and Science)

Journal Homepage: http://cphfs.in/research.php



# ତରୁଣକାନ୍ତି ମିଶ୍ରଙ୍କ ଗଳ୍ପ ରଚନାର ଶୈଳୀ

ହିମାଦ୍ରୀ ତନୟା ମିଶ୍ର

ଅଧ୍ୟାପିକା, ସ୍ନାତକୋତ୍ତର ଓଡ଼ିଆ ବିଭାଗ,

ରମାଦେବୀ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

E-mail: himadritanaya83@gmail.com

***ସଂକ୍ଷିପ୍ତ ପରିଚୟ*** - *ସାରସ୍ୱତ ସ୍ରଷ୍ଟାଙ୍କ ସୃଷ୍ଟିର ମହତ୍ତ୍ୱ ମୁଖ୍ୟତଃ ନିର୍ଭର କରିଥାଏ ନିଜ ସାହିତ୍ୟିକ ଆବେଦନ ଉପରେ, ଯାହାକୁ ସ୍ରଷ୍ଟା ପୁରୁଷର ଶିଳ୍ପ ପ୍ରତିଭା କୁହାଯାଇପାରେ । ସ୍ରଷ୍ଟାର ନିବିଡ଼ ଅନୁଭବ, ଜୀବନ ଓ ଜଗତ ପ୍ରତି ସୂକ୍ଷ୍ମ ଦୃଷ୍ଟିଭଙ୍ଗୀ ତା'ର କଳାକୁ ବହୁ ଭାବରେ ପ୍ରଭାବିତ କରିଥାଏ । ତେଣୁ, ଯେକୌଣସି ସୃଷ୍ଟିର କଳାତ୍ମକ ମୂଲ୍ୟ ତା'ର ସାହିତ୍ୟିକ ଶୈଳୀକୁ ହିଁ ଅଙ୍ଗୁଳି ନିର୍ଦ୍ଦେଶ କରେ । ଭାଷାର ସୁସମନ୍ୱିତ ପ୍ରୟୋଗ, ଟେକ୍‌ନିକ୍‌ର ଚମକ, ଗଳ୍ପର ଥିମ୍ ଓ ସମସ୍ତଙ୍କର ସୁସମନ୍ୱୟ ହିଁ ଶୈଳୀ । ଶୈଳୀ ହେଉଛି ନିଜକୁ ଅର୍ଥାତ୍ ନିଜର ଅନ୍ତର୍ନିହିତ ବ୍ୟକ୍ତିଗତସତ୍ତାକୁ ପ୍ରକାଶ କରିବାର ଏକ ମାଧ୍ୟମ । ସାହିତ୍ୟରେ ଶୈଳୀର ଧାରା ମଣିଷର ଅନ୍ତଃଜଗତକୁ ଆଲୋକିତ କରିଥାଏ । ଏହି ପ୍ରସଙ୍ଗରେ କଥାକାର ତରୁଣକାନ୍ତି ମିଶ୍ରଙ୍କ କ୍ଷୁଦ୍ରଗଳ୍ପ ରଚନାର ଶୈଳୀ ଆଲୋଚନା କରାଯାଇଛି । "ଗପରେ ତାଙ୍କର କାହାଣୀ ଯେମିତି ଜୀବନର କୌଣସି ଏକ ସୂକ୍ଷ୍ମ ବିଭବକୁ ଟୋଳି ଧରିଥାଏ, ଗପର ଛଳେ ଛଳେ କଥାଶୈଳୀ ସେମିତି ମୁଗ୍ଧ ଚକିତ କରେ ପାଠକଙ୍କୁ ଗପରେ ସେ ଖୁବ୍ ସୂକ୍ଷ୍ମ ଓ ଗହନ କଥାଟି କହିଥାନ୍ତି, ଯାହା ଗପଟି ପଢ଼ିସାରିଲା ପରେ ପାଠକକୁ ମୋହନିଷ୍ଟ କରି କିଛି ସମୟ ରଖିପାରେ । ଶୈଳୀରେ ଯାଦୁକରୀ ପ୍ରଭାବ ତାଙ୍କୁ ଆଚ୍ଛନ୍ନ କରି ରଖେ ଗପର ଆରମ୍ଭରୁ ଶେଷଯାଏଁ । ତାଙ୍କର କିଛି ଗଳ୍ପ ପ୍ରାଣ ପ୍ରାଚୁର୍ଯ୍ୟରେ ବେଶ୍ ଜୀବନ୍ତ ଓ ଆଉ କିଛି ଗଳ୍ପର ବକ୍ତବ୍ୟ ଖୁବ୍ ସିରିୟସ୍ । ସେ ଖୁବ୍ କମ୍ ଲେଖନ୍ତି ହେଲେ ସେଗୁଡ଼ିକ ଖୁବ୍ ମାର୍ମିକ ।" (୧)*

***ପ୍ରମୁଖ ଶବ୍ଦାବଳୀ*** *(Keywords) - ତରୁଣକାନ୍ତୀୟ ଶୈଳୀ, ଆକାଶ ସେତୁ, ଆବର୍ତ୍ତର ଦୁଇଟି ସ୍ୱର, ବୀତଂସ, ଲୁବ୍ଧକର ରାତି, ଜହ୍ନରାତି, କୋମଳ ଗାନ୍ଧାର, ଧୂଳିଘର, ଆସରନ୍ତା କାଲିର ଭୋକ, ଅନ୍ଧାର ରାତିର ଲୁହ, ବିବସ୍ତ୍ର, ବହୁବ୍ରୀହି, ଭଗ୍ନାଂଶ*

## I. ଉପକ୍ରମ:

ଶୈଳୀ ହେଉଛି ଆତ୍ମା ସମ୍ବନ୍ଧିତ ବିଷୟ । ଏହି ଶୈଳୀ ଶବ୍ଦଟି ଇଂରାଜୀ style ଶବ୍ଦରୁ ଗୃହୀତ । ବାସ୍ତବରେ କହିବାକୁ ଗଲେ ଶୈଳୀ ହେଉଛି ଭାଷା ଓ ଅଭିବ୍ୟକ୍ତିର ଏକ ପ୍ରକୃଷ୍ଟ ମାଧ୍ୟମ । ପ୍ରତ୍ୟେକ ଲେଖକର ନିଜସ୍ୱ ଏକ ସ୍ୱତନ୍ତ୍ର ଶୈଳୀ ରହିଛି, ଯହିଁରୁ ତାଙ୍କର ସ୍ୱାତନ୍ତ୍ର୍ୟ ଓ ପ୍ରତିଭାର ପ୍ରକୃତ ପରିଚୟ ମିଳିପାରିଥାଏ । ଏହି ଶୈଳୀ ହିଁ ଜଣେ ସ୍ରଷ୍ଟାକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରି ଚିହ୍ନାଇ ଦେଇଥାଏ । ଶୈଳୀ ଶବ୍ଦର ଅର୍ଥ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରତୀୟମାନ ହୋଇଛି । ସେଥିପାଇଁ ଇଂରାଜୀରେ କୁହାଯାଇଛି 'style is the man' । ଶୈଳୀ ସ୍ରଷ୍ଟା ବ୍ୟକ୍ତିତ୍ୱର ପରିଚାୟକ । "ଅଙ୍ଗସଜ୍ଜା ହିଁ ଶୈଳୀ । କେବଳ ଟେକ୍‌ନିକ୍ ଉପରେ ଗୁରୁତ୍ୱ ଦେଇଦେଲେ ଅଙ୍ଗସଜ୍ଜାର ମୂଲ୍ୟ ରହେ ନାହିଁ, ତାହା ହୋଇଯାଏ କୃତ୍ରିମ ଓ ଇଚ୍ଛାକୃତ । ଯେତେବେଳେ ଏହା ହୁଏ ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ସେତେବେଳେ ଅଙ୍ଗସଜ୍ଜା କେବଳ ବାହ୍ୟ ବିଭବ ପ୍ରକାଶ କରେନାହିଁ । ଆତ୍ମାର ବିଭୂତିରେ ହୁଏ ଦୀପ୍ତିମାନ । ଏଇଠି ସ୍ରଷ୍ଟାର ଅଶରୀରୀ ବ୍ୟକ୍ତିତ୍ୱ ସାହିତ୍ୟ ଭିତରେ ମିଶି ହୋଇଯାଏ ଏକାକାର ଅଙ୍ଗସଜ୍ଜାରୁ ଆଉ ଆତ୍ମାକୁ ବା ଆତ୍ମାରୁ ଅଙ୍ଗସଜ୍ଜାକୁ ଶୈଳୀରୁ ସ୍ରଷ୍ଟାର ବ୍ୟକ୍ତିତ୍ୱକୁ ବା ସ୍ରଷ୍ଟାକୁ ଅଲଗା କରିହୁଏ ନାହିଁ ।"(୨)

"ଶୈଳୀ ଭାବ ପରତନ୍ତ୍ର ହେବା ତ ଦୂରର କଥା ବରଂ ସତ କହିଲେ ସାହିତ୍ୟ ହେଉଛି ଶୈଳୀ ସର୍ବସ୍ୱ । ଉପଯୁକ୍ତ ଶବ୍ଦ ସଂଯୋଜନା ତଥା ଶବ୍ଦ ବିନ୍ୟାସ ହେଉଛି ଶୈଳୀ । ମୁକ୍ତ ପ୍ରକାଶ ଓ ସହଜ ବୋଧଗମ୍ୟତା ଉତ୍ତମ ଶୈଳୀର ବୈଶିଷ୍ଟ୍ୟ । ଅନ୍ୟ ପକ୍ଷରେ ତମସାଚ୍ଛନ୍ନ ଓ ଅସ୍ପଷ୍ଟ ହୋଇ ରହିଯାଇଥିବା ବର୍ଣ୍ଣନା ହେଉଛି ଅଧମ ଶୈଳୀ । ଯାହା ପାଠକର ବୋଧଗମ୍ୟ ହୁଏନାହିଁ । ଉତ୍ତମ ଶୈଳୀ ପ୍ରକୃତରେ କହିବାକୁ ଗଲେ ମହତ୍ତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ବର୍ଣ୍ଣନା

କଳାବେଳେ ଉତ୍ତମ ଶୈଳୀ ଏବଂ ବୀଭତ୍ସ ଓ ବ୍ୟଙ୍ଗାତ୍ମକ ବିଷୟ ବର୍ଣ୍ଣନାବେଳେ ଅଧମ ଶୈଳୀ ଉପଯୋଗୀ । ସଂକ୍ଷିପ୍ତୀକରଣ ହେଉଛି କ୍ଷୁଦ୍ରଗଳ୍ପର ବିଶେଷତ୍ୱ । ଏହାକୁ ଦୃଷ୍ଟିରେ ରଖି ଗାଳ୍ପିକ ତା'ର ରଚନାଶୈଳୀକୁ ସେତିକି ମାର୍ଜିତ ଓ ରୁଚିସଂପନ୍ନ କରିବାର ପ୍ରୟାସ କରିଥାଏ ।"(୩)

କଥାକାର ତରୁଣକାନ୍ତି ମିଶ୍ର ଆଧୁନିକ ଓଡ଼ିଆ କଥା ସାହିତ୍ୟରେ ଜଣେ ଯଶସ୍ୱୀ ସ୍ରଷ୍ଟା । ନୂତନ ଭାବଚେତନା ଓ ନୂତନ ଶୈଳୀର ସେ ରୂପକାର । ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ମନୋଜ ଦାସ, କିଶୋରୀ ଚରଣ ଦାସ ପ୍ରମୁଖ ଗାଳ୍ପିକ ଜୀବନକୁ ବ୍ୟଞ୍ଜନାତ୍ମକ ଦୃଷ୍ଟିଭଙ୍ଗୀର ରୂପ ଦେଲାବେଳେ ତରୁଣକାନ୍ତି ଜୀବନକୁ ଅତ୍ୟନ୍ତ ସହଜ ସରଳ ଭାବରେ ଦେଖିବାକୁ ଚେଷ୍ଟା କରିଛନ୍ତି । କାରଣ ତାଙ୍କ ଦୃଷ୍ଟିରେ ଜୀବନକୁ ଯେନତେନ ପ୍ରକାରଣେ ବଞ୍ଚିବା ବଡ଼ କଥା ନୁହେଁ, ମୂଲ୍ୟବୋଧ ନେଇ ବଞ୍ଚିବା ବଡ଼ କଥା । ମଣିଷ ଭିତରେ ଅମଣିଷତ୍ୱ ଦେଖିବା ଅପେକ୍ଷା ଅମଣିଷତ୍ୱ ମଧ୍ୟରୁ ମଣିଷପଣିଆ ଖୋଜିବାକୁ ସେ ଭାରି ଭଲପାଆନ୍ତି । ତାଙ୍କ ଗଳ୍ପ ଶୈଳୀକୁ ବିଚାର କଲେ ତାହା ସ୍ରଷ୍ଟା ପ୍ରାଣର ସକଳ ଅନୁଭବ ଓ ଉଚ୍ଛ୍ୱାସ ଘେନି ବେଶ୍ କାବ୍ୟ କୋମଳ ମନେହୁଏ । ତାଙ୍କର ପ୍ରତ୍ୟେକ ଗଳ୍ପ ସେ ପାଇଁ ପ୍ରାୟ ଏକ ଏକ ସୁନ୍ଦର ଚିତ୍ରପଟ୍ଟ ପରି ପ୍ରତୀତ ହୁଏ । ଏକ ମନନଦୀପ୍ତ ସମୀକ୍ଷା ସହିତ ପ୍ରକାଶଭଙ୍ଗୀରେ ଏକ ଗତିମୟ ଉଚ୍ଛ୍ୱାସ ତାଙ୍କ ମନକୁ ଏକାନ୍ତ ସ୍ୱାଭାବିକ ଓ ନିଗୂଢ଼ ପ୍ରାଣ ପ୍ରତ୍ୟୟରେ ପରିପୂର୍ଣ୍ଣ କରିଦେଇଛି ।

"ଗଳ୍ପ ଲେଖିବା ପାଇଁ ସେ ଗଳ୍ପ ଲେଖନ୍ତି ନାହିଁ । ଜୀବନ ଭିତରେ ଗଳ୍ପ ଓ ଗଳ୍ପ ଭିତ୍ତିରେ ଜୀବନକୁ ଖୋଜିବାର ଯେଉଁ ପ୍ରୟାସ ତାଙ୍କର ଛାତ୍ରାବସ୍ଥାରୁ ରହିଥିଲା ତାହାହିଁ ତାଙ୍କୁ ଗଳ୍ପ ଲେଖିବା ପାଇଁ ପ୍ରେରଣା ଦେଇଥିଲା । ତାଙ୍କର ଗଳ୍ପଶୈଳୀର ଏକ ସ୍ୱତନ୍ତ୍ର ରହିଛି । ପାଠକ ଥରେ ତାଙ୍କ ଗଳ୍ପ ପଢ଼ିବାକୁ ଆରମ୍ଭ କଲେ ସେ ସେହି ଗଳ୍ପ ଭିତରେ ହଜିଯାଏ ଏବଂ ଗଳ୍ପ ଶେଷ ହେବାବେଳକୁ ସେ ନିଜକୁ ଦେଖେ ଏକ ଅଜଣା ରାଜ୍ୟରେ । ଏକ ଯାଦୁକରୀ ଶୈଳୀରେ ସେ ପାଠକମାନଙ୍କର ମନ ପ୍ରାଣକୁ ସମ୍ମୋହନ କରି ଦେଇଥାନ୍ତି ।"(୪) ଛାତ୍ରାବସ୍ଥାରେ ରଚିତ ତାଙ୍କ ଗଳ୍ପଠାରୁ ଅଦ୍ୟାବଧି ପ୍ରକାଶିତ ଗଳ୍ପ ମଧ୍ୟରେ ତାଙ୍କ ଗଳ୍ପ ରଚନା ଶୈଳୀରେ ବିଶେଷ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏନାହିଁ । ସତେଯେମିତି ଏକ ପ୍ରବୃଦ୍ଧ ମାନସିକତାରୁ ତାଙ୍କ ଗଳ୍ପଗୁଡ଼ିକର ସୃଷ୍ଟି । ସେ ହେଉ ପ୍ରାରମ୍ଭିକ ପର୍ଯ୍ୟାୟର ଅଥବା ଆଜିର ଗଳ୍ପ ।

"ସ୍ୱଚ୍ଛନ୍ଦ ଶୈଳୀ ଓ ସୁନ୍ଦର ବାକ୍‌ବିନ୍ୟାସ ହିଁ ତରୁଣକାନ୍ତିଙ୍କ ଗଳ୍ପର ଅନ୍ୟତମ ପ୍ରଧାନ ବୈଶିଷ୍ଟ୍ୟ । ତାଙ୍କର ଗଳ୍ପାବଳିରେ ଭାବର ବିବିଧତା ଯେପରି ସ୍ୱକୀୟ, ଭାଷାର ବୈଚିତ୍ର୍ୟ ଓ ପରିଚ୍ଛନ୍ନତା ହିଁ ସେହିପରି ଗୁରୁତ୍ୱପୂର୍ଣ୍ଣ । ତେଣୁ ଶୈଳୀ ଯୁଗ ନିର୍ଭର ହେଲେ ହେଁ ପ୍ରତ୍ୟେକ ସର୍ଜନଶୀଳ ସ୍ରଷ୍ଟାର ଏକ ନିଜସ୍ୱ ଶୈଳୀ ରହିଛି । ତରୁଣକାନ୍ତିଙ୍କ ଅଭିବ୍ୟକ୍ତିର ଭାଷା ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଓ ନିଆରା । ଭାଷା ଓ ଭାବପ୍ରବଣରେ ବିବିଧତା ରହିଛି ବୋଲି ପ୍ରତ୍ୟେକଙ୍କୁ ଜୀବନ ସରସ ଓ ସୁନ୍ଦର ମନେହୁଏ । ଗାଳ୍ପିକ କୃତ୍ରିମ ଓ ଆବରଣଯୁକ୍ତ ଭାଷାକୁ ବ୍ୟବହାର କରିବାକୁ ପସନ୍ଦ କରନ୍ତି ନାହିଁ । ପ୍ରତ୍ୟେକ ଗଳ୍ପର ଅନ୍ତଃସ୍ୱର ପରସ୍ପରଠାରୁ ଭିନ୍ନ ମନେହେଲେ ହେଁ ଶୈଳୀ ପ୍ରାୟ ଏକାପରି – 'ତରୁଣକାନ୍ତୀୟ ଶୈଳୀ' କୁହାଯାଇପାରେ ।"(୫)

ତରୁଣକାନ୍ତି ମିଶ୍ରଙ୍କ ଶୈଳୀ ବିବିଧ । ବିଶେଷ ଭାବରେ ଗଳ୍ପର ବିଷୟବସ୍ତୁ, ତା'ର ପରିବେଶ ଓ ଘଟଣାଗତ ଅବସ୍ଥାକୁ ନେଇ ସେ ଗଳ୍ପରେ ବିଭିନ୍ନ ପ୍ରକାର ଶୈଳୀର ବ୍ୟବହାର କରିଥାନ୍ତି । କେତେବେଳେ ପ୍ରଥମ ପୁରୁଷୀୟ ବକ୍ତବ୍ୟରେ ଗଳ୍ପକୁ ଏକ ଆକସ୍ମିକ ଆରମ୍ଭ ପ୍ରଦାନ ସମୟରେ ତ ଅନ୍ୟ କେତେବେଳେ ବହୁ ବଚନରେ ଗଳ୍ପପାଠକଙ୍କୁ ଗଳ୍ପର ବିଷୟବସ୍ତୁ ପ୍ରତି ଆକର୍ଷିତ କରିଥାନ୍ତି । ପୁଣି କେତେବେଳେ, ଅନ୍ୟ କେତେବେଳେ ଗଳ୍ପ ପ୍ରାରମ୍ଭରେ ଆକସ୍ମିକତା ଏବଂ ପରିସମାପ୍ତିରେ ଅଚାନକତା ଦ୍ୱାରା ପାଠକକୁ ବିସ୍ମୟ ବିମୂଢ଼ କରିପାରନ୍ତି । ତରୁଣକାନ୍ତିଙ୍କ ଗଳ୍ପରେ ଅନ୍ୟତମ ବିଶେଷତ୍ୱ ହେଉଛି ତାଙ୍କର ବର୍ଣ୍ଣନାଗତ ଚମତ୍କାରିତା । ପରିବେଶ ବର୍ଣ୍ଣନାରେ ହେଉ, ଚରିତ୍ର ଚିତ୍ରଣରେ ହେଉ କିମ୍ବା ଗାଳ୍ପିକଙ୍କର ଏହି ବର୍ଣ୍ଣନାଗତ ଚମତ୍କାରିତା ପାଠକମାନଙ୍କୁ ତାଙ୍କ ଗଳ୍ପପ୍ରତି ଅଧିକ ଭାବେ ଆକର୍ଷିତ କରିଥାଏ । ଶ୍ରୀ ମିଶ୍ରଙ୍କ ଏହି ବିବିଧ ଶୈଳୀର କେତେକ ଉଦାହରଣ ଏଠାରେ ପ୍ରଦାନ କରାଯାଇପାରେ ।

## II. ପ୍ରଥମ ପୁରୁଷୀୟ ଶୈଳୀ :

ତରୁଣକାନ୍ତି ମିଶ୍ରଙ୍କ ଅଧିକାଂଶ ଗଳ୍ପ ପ୍ରଥମ ପୁରୁଷୀୟ ଶୈଳୀରେ ରଚିତ । ପ୍ରାୟ ଅଧିକାଂଶ ଗଳ୍ପରେ ସେ ହିଁ ଗଳ୍ପର ନାୟକ ଏବଂ ଅନେକତ୍ର ନିଜେ ହିଁ ବ୍ୟାଖ୍ୟାକାର । ସେହି କାରଣରୁ ତରୁଣକାନ୍ତି ମିଶ୍ରଙ୍କର ଗଳ୍ପଗୁଡ଼ିକରେ ସ୍ପଷ୍ଟ ଭାବରେ ଗାଳ୍ପିକଙ୍କର ଉପସ୍ଥିତିକୁ ବାରି ହୋଇଥାଏ । ଅବଶ୍ୟ ଏ ପ୍ରକାର ଶୈଳୀର ଅନ୍ୟତମ ବିଶେଷତ୍ୱ ହେଉଛି ପାଠକମାନଙ୍କୁ ଗଳ୍ପର ବିଷୟବସ୍ତୁ ତଥା ଗାଳ୍ପିକଙ୍କ ସହିତ ସମନ୍ୱିତ କରିଦେବା । ଏହାଦ୍ୱାରା ପାଠକ ସଂପୂର୍ଣ୍ଣ ଭାବରେ ଗଳ୍ପ କାହାଣୀର ମାୟାରେ ନିଜକୁ ବିସ୍ମିତ କରିଦେଇ ନିଜେ ହିଁ ସେହି ଗଳ୍ପର ଚରିତ୍ରଟିଏରେ ପରିଣତ ହୋଇଯାଏ । ପୁନରାୟ ଏପରି ଶୈଳୀରୁ ଗଳ୍ପ ସହିତ ଗଳ୍ପକାରଙ୍କ ନିବିଡ଼ ସମ୍ପର୍କକୁ ଅବଧାରଣା କରି ହୋଇଥାଏ, ଯାହାଦ୍ୱାରା ଗଳ୍ପର ବୃତ୍ତରୁ ଗାଳ୍ପିକଙ୍କର ବ୍ୟକ୍ତିଗତ ବୃତ୍ତକୁ ଅଲଗା କରି ହୁଏ ନାହିଁ । ଅନ୍ୟ ଭାଷାରେ କହିଲେ, ଏ କ୍ଷେତ୍ରରେ ଗଳ୍ପ, ଗଳ୍ପର କଥାବସ୍ତୁ ଏବଂ ପାଠକ ଏକ ନିବିଡ଼ ଆତ୍ମୀୟତା ଭିତରେ ପରସ୍ପରକୁ ହଜାଇ ଦେଇଥାନ୍ତି । ଉଦାହରଣ ସ୍ୱରୂପ -

"ମୁଁ ସେଇ ଛିମ୍‌ଛାମ୍ ଘରଟିଏ ରହିବାର ସପ୍ତାହକ ଭିତରେ ସାରା ପରିବେଶ ବଦଳିଗଲା । ବିଛଣା ଚାଦରରୁ ବାହାରିବାକୁ ଲାଗିଲା ପରିଚିତ ଝାଳ ଓ ନିର୍ଜନତାର ଗନ୍ଧ, କାନ୍ଥସାରା ଘେରିଗଲା ଅଳନ୍ଧୁ ଓ ଅନ୍ଧାର, ରୋଷେଇ ଘରେ ନାନା କୀଟ ଓ ପତଙ୍ଗ, ଚଟାଣଯାକ ସାରା ପୃଥିବୀର ପାଦଚିହ୍ନ । ମତେ ଏତେ ଟିକେ ଖରାପ ଲାଗିଲା ନାହିଁ,

ଏତେଟିକେ ବି ଅସୁବିଧା ନଥିଲା ମୋର । ବରଂ ମତେ ଲାଗିଲା ମୋ ଜୀବନର ଓସାର ବଢ଼ିଯାଇଛି ।" (ଛାୟାପଥ ଗଳ୍ପ, ଲୁବ୍ଧକର ରାତି, ପୃ.୫୦)

### III. ବହୁବଚନୀୟ ଶୈଳୀ :

କେତେକ କ୍ଷେତ୍ରରେ ଗାଳ୍ପିକ ବହୁବଚନରେ ତାଙ୍କର ଗଳ୍ପର ଆରମ୍ଭ କରିଥାନ୍ତି । ଯଦିଓ ସେଠାରେ ମଧ୍ୟ ପ୍ରଥମ ପୁରୁଷ ହିଁ ମୁଖ୍ୟସ୍ଥାନ ଅଧିକାର କରିଥାଏ । ହୁଏତ ପାଠକମାନଙ୍କ ମାନସିକତାକୁ ଗଳ୍ପପ୍ରତି ଆକର୍ଷଣ କରିବା ପାଇଁ ଏ ପ୍ରକାର ଶୈଳୀର ଆବଶ୍ୟକତା ଅନୁଭୂତ ହୁଏ । ବେଳେବେଳେ ମଧ୍ୟ ଲେଖକ ବହୁବଚନରେ ବାକ୍ୟ ଆରମ୍ଭ କରିଥିଲେ ହେଁ ତା'ର ଅନ୍ତରାଳରେ ପ୍ରଥମ ପୁରୁଷ (ମୁଁ) ହିଁ ଗଳ୍ପର ବିଷୟବସ୍ତୁକୁ ନିୟନ୍ତ୍ରିତ କରିଥାଏ । ଉଦାହରଣ ସ୍ୱରୂପ 'ଜହ୍ନରାତିର ଗପ, ସରିନାହିଁ'ର ଏକ ସୁନ୍ଦର ଉଦାହରଣ:

"ମୁଁ ଆଗେ ଆଗେ ଗଲି । ମୋ ପଛରେ ପିଙ୍କିନାନୀ । ଆମେ ପାଞ୍ଚଖଣ୍ଡ କଦଳୀପତ୍ର ଧୋଇଲୁ, ତା'ପରେ ରୋଷେଇ ଘର ପାଖ ବାରଣ୍ଡାରେ ବସିଲୁ । ଗୋଟିଏ ପତ୍ର ବନୁକକାଙ୍କର, ଗୋଟିଏ ପିଙ୍କିନାନୀର, ଗୋଟିଏ ମୋର । ବାକି ଦୁଇଟା ବାପା ମାଆଙ୍କ ପାଇଁ । କଦଳୀପତ୍ରରେ ଆମେ ସବୁଦିନ ଖାଉନା । ଆଜି କଥା ଅଲଗା । ଆମର ସବୁତକ ବାସନକୁସନ ବନ୍ଧା ସରିଛି । ଖଟ ଆଲମିରା ଲୁଗାପଟା ତ ଆଗରୁ ବନ୍ଧା ସାରିଥିଲା । ଆଜି ରାତିକ ଏଠି କେମିତି କଟେଇ ଦେଲେ କାମ ଶେଷ ।" (ଜହ୍ନରାତିର ଗପ, ସରିନାହିଁ, ପୃ.୧୧୧)

### IV. ନାଟକୀୟ ସଂଳାପଧର୍ମିତା :

ଆଧୁନିକ କ୍ଷୁଦ୍ରଗଳ୍ପରେ ନାଟକୀୟତା ଅନ୍ୟ ଏକ ବିଶେଷ ବିଭବ । ଏହା ପାଠକର ଉତ୍କଣ୍ଠାକୁ ବଢ଼ାଇଦେବା ସଙ୍ଗେ ସଙ୍ଗେ ଗଳ୍ପ ଭିତରେ ଏକ ନାଟକୀୟ ବାତାବରଣ ସୃଷ୍ଟି କରେ । ଅନେକ ସମୟରେ ଏହି ନାଟକୀୟତା ଗଳ୍ପର କେନ୍ଦ୍ରବିନ୍ଦୁ ପାଲଟିଯାଏ । ସମଗ୍ର ଗପଟି ଭିତରେ ଯାହା କହିବା କଥା ଏହି ନାଟକୀୟତା ଭିତରେ ହିଁ କହିଦିଆଯାଏ । ଗଳ୍ପର ବିଷୟବସ୍ତୁ, ଉପସ୍ଥାପନା ଶୈଳୀରେ ଆକସ୍ମିକତା, ଦ୍ୱନ୍ଦ୍ୱ ପ୍ରଭୃତି ଏହି ନାଟକୀୟତାର ଗୋଟିଏ ଗୋଟିଏ ଅଂଶ, ଯାହା ଫଳରେ ଏହା ସାଧାରଣ ଗପଟିଏ ନ ହୋଇ ନାଟକୀୟ ଗଳ୍ପରେ ପରିଣତ ହୁଏ ।" ଏ ନାଟକୀୟତା ଘଟଣାର ବିକାଶରେ, ପରିଣତିରେ ଅଥବା ଚରିତ୍ରର ବିକାଶରେ ସହାୟତା କରିଥାଏ । ଗଳ୍ପର ଏହି ଅବସ୍ଥା ମଣିଷର ଜୀବନାନୁଭୂତିକ ଗଭୀର ଭାବରେ ଛୁଇଁଥାଏ । ଅନ୍ୟ ଭାଷାରେ କହିଲେ ନାଟକୀୟତା ଜୀବନାନୁଭୂତିର ଗଭୀରତାକୁ ଅନୁଭବ କରିବାର ଏକ ମାଧ୍ୟମ ।"(୬)

ତରୁଣକାନ୍ତିଙ୍କ ଅନେକ ଗଳ୍ପରେ ଚରିତ୍ରମାନଙ୍କର କଥୋପକଥନ ତାଙ୍କ ଗଳ୍ପଗୁଡ଼ିକ ଏକ ନାଟକୀୟ ପରିଣତି ଦିଗକୁ ଗତିଶୀଳ କରାଇଥାଏ । ଏହାଦ୍ୱାରା ପାଠକମାନଙ୍କ ମନରେ ଉତ୍କଣ୍ଠା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଚରିତ୍ରମାନଙ୍କର ଚାରିତ୍ରିକ ବିଶେଷତ୍ୱ ପ୍ରତି ସ୍ୱତଃ ଆକୃଷ୍ଟ ହୋଇପଡ଼ିଥାନ୍ତି । ସମୟେ ସମୟେ ସଂଳାପ ମଧ୍ୟରେ ଲଘୁ ଚପଳତା ସୃଷ୍ଟି କରି ଗାଳ୍ପିକ ପାଠକମାନଙ୍କୁ ବେଶ୍ ଆମୋଦିତ କରିପାରନ୍ତି । ତାଙ୍କର ବହୁ ଗଳ୍ପରେ ଏହା ଏକ ସାଧାରଣ ଲକ୍ଷଣ । ଏଠାରେ ବୀତଂସ ଗଳ୍ପ ସଂକଳନସ୍ଥ 'ଭଗ୍ନାଂଶ' ଗଳ୍ପର କିଛି ଅଂଶ ଉଦାହରଣ ସ୍ୱରୂପ -

"- ଘଣ୍ଟାଏ କାଳ ଆପଣ ଏମିତି ଗଣୁଥାଆନ୍ତି?

- ହଁ ।

- ତେବେ ତ ଘଣ୍ଟାକ ଭିତରେ କୋଡ଼ିଏ କି ପଚିଶ ହଜାର ଗଣି ଦେଉଥିବେ ।

- ନାଁ, ସାତ ହଜାର ପାଞ୍ଚଶହଠୁ ବେଶୀ ଗଣି ହେବନାହିଁ । କିନ୍ତୁ ମୁଁ ଗଣିପାରେ ଅତି ବେଶିରେ ଶହେ କିମ୍ବା ଦୁଇଶହ ପର୍ଯ୍ୟନ୍ତ।

X X X

- ଆରାମ୍ ଚୌକିରେ ବସି ଆପଣ କ'ଣ କରନ୍ତି?

- ମୋ ସାମ୍ନାକୁ ଦେଖେ ।

- ସାମ୍ନାକୁ! ସାମ୍ନାରେ କ'ଣ ଥାଏ?

- ଗୋଟିଏ ଅଏଲ୍ ପେଣ୍ଟିଙ୍ଗ । ମୋ ସ୍ତ୍ରୀ ଆଙ୍କି ଦେଇଯାଇଥିବା ଗୋଟିଏ ତୈଳଚିତ୍ର । ସେ ଘର କାନ୍ଥରେ ଆଉ କିଛି ନଥାଏ ଆକୁ ଛାଡ଼ି । ସେଇଟା ମୁଁ ଦେଖିବାକୁ ଲାଗେ ।

- କି ଛବି ଥାଏ ସେ ତୈଳ ଚିତ୍ରରେ? କାହାର ଛବି?

- ସେ ଛବି ଭିତରେ କ'ଣ ଅଛି ମୁଁ କହିପାରୁ ନାହିଁ । କିନ୍ତୁ ମୋ ସ୍ତ୍ରୀ ସେ ଛବିର ନାମ ଦେଇଯାଇଛି 'ଭଗ୍ନାଂଶ' ।" (ବୀତଂସ, ପୃ.୫୧-୫୨)

ଏହା ସହିତ ତରୁଣକାନ୍ତିଙ୍କ ଗଳ୍ପରେ ପାଠକ ଗୀତିମୟ ନାଟକୀୟତା ଲକ୍ଷ୍ୟ କରିଥାଏ । "ଗଳ୍ପରେ ଯଥାସମ୍ଭବ କମ୍ ପରୀକ୍ଷାନିରୀକ୍ଷା ଭିତରେ ମଧ୍ୟ ଗାଳ୍ପିକ ଚେଷ୍ଟା କରିଛନ୍ତି । ବାସ୍ତବ ଜୀବନ ଭିତରର ନାଟକୀୟ ବିସ୍ମୟକୁ ଅବିକଳ ଚିହ୍ନିତ କରିବା ପାଇଁ । ଗାଳ୍ପିକଙ୍କ ଛଳନାହୀନ ବକ୍ତବ୍ୟ ପାଇଁ ସେ ଧନ୍ୟବାଦ ହିଁ ଆରମ୍ଭରେ ଚମତ୍କାରିତା ଓ ପରିସମାପ୍ତିରେ ଆକସ୍ମିକତା ।"(୭)

ଆରମ୍ଭରେ ଚମତ୍କାରିତା ଓ ପରିସମାପ୍ତିରେ ଆକସ୍ମିକତା :

ତରୁଣକାନ୍ତିଙ୍କ ଗଳ୍ପର ବିଶେଷତ୍ୱ ହେଉଛି ତାଙ୍କର ପ୍ରତ୍ୟେକ ଗଳ୍ପ ଏକ ଚମତ୍କାର କଥନିକାରୁ ହିଁ ଆରମ୍ଭ ହୁଏ । ପାଠକମାନଙ୍କୁ ଗଳ୍ପର ପରବର୍ତ୍ତୀ ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେବା ଉଦ୍ଦେଶ୍ୟରେ ବା ପାଠକମାନଙ୍କୁ ଗଳ୍ପର ବିଷୟବସ୍ତୁ ପ୍ରତି ଜିଜ୍ଞାସା ଉଦ୍ରେକ ଉଦ୍ଦେଶ୍ୟରେ ସେ ଏହିପରି ଚମତ୍କାର ଶୈଳୀର ଆଶ୍ରୟ ନେଇଥାନ୍ତି । ଅନୁରୂପ ଭାବେ ଗଳ୍ପର ପରିସମାପ୍ତି ବା ଉପସଂହାରକୁ ଏପରି ଏକ କ୍ଷେତ୍ରରେ ବା ସ୍ଥାନରେ ପରିଣତ ଦେଇଥାନ୍ତି, ଯାହା ପାଠକଙ୍କର ବୌଦ୍ଧିକ ଜିଜ୍ଞାସା ଉଦ୍ରେକ କରିବାରେ ସହାୟତା କରିଥାଏ । ଯାହାକୁ ରବୀନ୍ଦ୍ର ନାଥଙ୍କ ଭାଷାରେ କହିଲେ – "ମନେ ହୟ ଶେଷ, ହୟଲନା ଶେଷ"

ଏକ ଯାଦୁକରୀ ପରିଣତି ଓ ଚମତ୍କାର ଆରମ୍ଭ ତରୁଣକାନ୍ତିଙ୍କ ଗଳ୍ପର ବିଶେଷତ୍ୱ ପ୍ରଦାନ କରିଥାଏ । ତାଙ୍କର ଏହି ଶୈଳୀ ସମସାମୟିକ ଅନ୍ୟାନ୍ୟ କଥାକାରଙ୍କଠାରୁ ତାଙ୍କୁ ସ୍ୱତନ୍ତ୍ର ରୂପେ ଏକ ନୂଆ ପରିଚିତ ହୋଇଥାଏ ।

ତରୁଣକାନ୍ତିଙ୍କ ଗଳ୍ପର ଆରମ୍ଭ କିପରି ଚମତ୍କାର ତା'ର ଉଦାହରଣ 'ଆକାଶ ସେତୁ' ଗଳ୍ପ ସଂକଳନରେ 'ଆକାଶ ସେତୁ' ଗଳ୍ପଟିକୁ ନିଆଯାଇପାରେ । ଉଦାହରଣ ସ୍ୱରୂପ –

"ସୁଦୀପ୍ତର ଗୋଟିଏ ହାତକୁ ଖପ୍ କରି ଧରି ପକାଇ ଲୋକଟି କହିଲା – ଟିକିଏ ରୁହନ୍ତୁ । ଖାଲି ମନଟିଏ ପାଇଁ ମତେ ହାତଟା ଦେଖାନ୍ତୁ ।" (ଆକାଶ ସେତୁ, ପୃ.୨୭)

ସେମିତି ପରିସମାପ୍ତି ଗତ ଚମତ୍କାରିତାରୁ କେତୋଟି ଉଦାହରଣ ଦିଆଯାଇପାରେ –

"ଅଢ଼େଇହଜାର ବର୍ଷ ପରେ ରାମ ସଦୟ ଯେ ତା' ନିଜସ୍ୱ ଭାଷାରେ, ତା' ନିଜସ୍ୱ ଜୀବନ ଭିତରେ, ଆଉ ଥରେ ସେ କଥା କହିବାକୁ ଚାହୁଁଛି, ତାହା ନିଜେ ହୃଦୟଙ୍ଗମ କରିବା ପାଇଁ ଆପଣଙ୍କୁ ମୋର ଅନୁରୋଧ ରହିଲା - ନିଶ୍ଚେ କେବେ ଦିନେ ଚିତ୍ରକୂଟ ଆସିବେ ।" (ବିବସ୍ତ୍ର, ବହୁବ୍ରୀହି, ପୃ.୧୪୩)

### V. ବର୍ଣ୍ଣନାଧର୍ମୀ ଶୈଳୀ :

କେହି କେହି ଗାଳ୍ପିକ ବର୍ଣ୍ଣନାଧର୍ମୀ ଗଳ୍ପ ରଚନା କରିଥିବାବେଳେ ଆଉ କେହି କେହି ବ୍ୟଞ୍ଜନାତ୍ମକ ବା ସଂକେତାତ୍ମକ ଶୈଳୀରେ ଗଳ୍ପ ରଚନା କରିଥାନ୍ତି । ଗଳ୍ପ ବର୍ଣ୍ଣନାଧର୍ମୀ ହେଉ କି ବ୍ୟଞ୍ଜନାଧର୍ମୀ ହେଉ ତା'ର ପ୍ରଭାବ ଏବଂ ଆବେଦନ ନିର୍ଭର କରିଥାଏ ଗାଳ୍ପିକର ନିଜକୁ ପ୍ରକାଶ କରିବାର ସାମର୍ଥ୍ୟ ଉପରେ । ତରୁଣକାନ୍ତି ମିଶ୍ରଙ୍କ ପ୍ରତିଟି ଗଳ୍ପରୁ ତାଙ୍କର ଚମତ୍କାର ବର୍ଣ୍ଣନାଧର୍ମୀ ଶୈଳୀକୁ ଲକ୍ଷ୍ୟ କରିହୁଏ । କୌଣସି ବାଦ, ଦର୍ଶନ ବା ତତ୍ତ୍ୱ ବିଷୟକୁ ପାଠକ ଉପରେ ଲଦି ଦେବାର ଅଭିପ୍ରାୟ ନ ଥାଏ ଆଦୌ । ବରଂ ପାଠକକୁ ଗଳ୍ପ ବର୍ଣ୍ଣିତ ଚରିତ୍ର ଓ ପରିବେଶ ଭିତରକୁ ସେ ନେଇଯାଇପାରନ୍ତି ଅବିଳମ୍ବେ । ଗଳ୍ପର ବର୍ଣ୍ଣନାଧର୍ମିତା ଭିତରେ ପାଠକ ଜୀବନର ନାନାବିଧ ରହସ୍ୟ ଓ ବୈଚିତ୍ର୍ୟକୁ ଉପଲବ୍ଧ କରିପାରେ । ବର୍ଣ୍ଣନାରେ ଚମତ୍କାରିତା ତରୁଣକାନ୍ତିଙ୍କ ଗଳ୍ପଜଗତର ଅନ୍ୟତମ ବିଶେଷତ୍ୱ ରୂପେ ପରିଗୃହୀତ । ସାଧାରଣ ବିଷୟକୁ ଅତି ଅସାଧାରଣ ଭାବେ ବର୍ଣ୍ଣନା କରି ସେ ପାଠକକୁ ବେଶ୍ ଚମକେଇ ଦେଇପାରନ୍ତି । ରୂପ ବର୍ଣ୍ଣନାରେ ହେଉ, ପରିବେଶ ବର୍ଣ୍ଣନାରେ ହେଉ ବା ଚରିତ୍ରମାନଙ୍କର ମାନସିକତା ବର୍ଣ୍ଣନାରେ ହେଉ, ପ୍ରତି କ୍ଷେତ୍ରରେ ତରୁଣକାନ୍ତିଙ୍କ ବର୍ଣ୍ଣନାଗତ ଚମତ୍କାରିତା ସ୍ପଷ୍ଟ । ବର୍ଣ୍ଣନାରେ ପ୍ରାକୃତିକତା, ଶବ୍ଦ ସଂଯୋଜନାରେ ମିତବ୍ୟୟିତା ତାଙ୍କ ଗଳ୍ପର କ୍ଲାସିକ୍‌ଧର୍ମିତାକୁ ପ୍ରମାଣିତ କରିଥାଏ ।

'କୋମଳ ଗାନ୍ଧାର' ଗଳ୍ପ ସଂକଳନର 'ଅନ୍ଧାର ରାତିର ଲୁହ' ଗଳ୍ପରେ ଏକ ବାଇଶବର୍ଷର ତରୁଣୀର ରୂପ ବର୍ଣ୍ଣନା କେତେ ସ୍ୱାଭାବିକ ହୋଇପାରେ, ତାହା ନିମ୍ନୋକ୍ତ ଉଦାହରଣରୁ ସ୍ପଷ୍ଟ ଜଣାପଡ଼େ ।

"ବାଇଶ ବର୍ଷର ସେ ଏକ ପୂର୍ଣ୍ଣ ଯୁବତୀ । ଶରତ ଆକାଶ ପରି ଉଜ୍ଜଳ ଛବିଳ ତା' ଦେହ ଯଦିଓ ମୁହଁଟିରେ ଶ୍ରାବଣର ଅନ୍ଧକାର । ଆଖି ଦୁଇଟା ବିଷର୍ଣ୍ଣ ଉଦାସ । ଲାଲ୍ ନରମ ଓଠରେ ପ୍ରାଣସ୍ପନ୍ଦନ ନାହିଁ ।" (କୋମଳ ଗାନ୍ଧାର, ପୃ.୧୨)

### VI. ପରିବେଶର ବର୍ଣ୍ଣନା :

ପରିବେଶର ବର୍ଣ୍ଣନା କ୍ଷେତ୍ରରେ ତରୁଣକାନ୍ତିଙ୍କ ସଫଳତା ଅବିସମ୍ବାଦିତ । "ତରୁଣକାନ୍ତିଙ୍କ ଅଧିକାଂଶ ଗଳ୍ପ ତାହା ପ୍ରେମ ହେଉ କି ସାମାଜିକ ପ୍ରତିବଦ୍ଧତାର ସ୍ୱାକ୍ଷର ନେଇ ଆତ୍ମପ୍ରକାଶ କରୁ ସବୁଠି ପ୍ରାୟତଃ ଏକ କରୁଣ ପରିବେଶ ଗଢ଼ି ଉଠୁଥାଏ । ତାଙ୍କର ଅଧିକାଂଶ ଗଳ୍ପଗୁଡ଼ିକ ଜୀବନର ବିୟୋଗାତ୍ମକ ଦୃଶ୍ୟାବଳୀରୁ ନେଇ ଅପ୍ରାପ୍ତିର ଯାତନା ଅଧିକ ପ୍ରକଟିତ ଅଥଚ ସେ ନିରାଶବାଦୀ କି ବିଷାଦବାଦୀ ନୁହନ୍ତି । ଏଥିରେ ଏକ ବଳିଷ୍ଠ ବ୍ୟତିକ୍ରମ ସେ ନିଜେ । ଆଧୁନିକ ଜୀବନର ପ୍ରତ୍ୟେକ ସ୍ତରରେ ଦେଖାଯାଇଥିବା ବ୍ୟର୍ଥତା, ନୈରାଶ୍ୟ, ଅବସାଦ, କ୍ଳାନ୍ତି, ଗ୍ଲାନି ଓ ଅସଫଳତାକୁ ନେଇ ସେ ଗଳ୍ପ ରଚନା କରିଛନ୍ତି । ମାତ୍ର, ସେଥିରେ ରହିଛି ଜୀବନର ଆଶାନ୍ୱିତ ଅନ୍ୱେଷଣ ଓ ଆଗ୍ରହ ।"(୮)

ତରୁଣକାନ୍ତି ମିଶ୍ରଙ୍କ ପ୍ରଥମ ଗଳ୍ପ ସଂକଳନ 'ଆବର୍ତ୍ତର ଦୁଇଟି ସ୍ୱର'ରେ ଥିବା 'ଶେଷ ପର୍ଯ୍ୟନ୍ତ' ଗଳ୍ପରେ ପରିବେଶର ଚମତ୍କାର ବର୍ଣ୍ଣନା ରହିଛି । ମାତ୍ର ଷୋହଳ ବର୍ଷ ବୟସରେ ରଚିତ ଏହି ଗଳ୍ପଟିକୁ ବିଶ୍ଳେଷଣ କଲାବେଳେ ବିସ୍ମୟରେ ଅଭିଭୂତ ହେବାକୁ ପଡ଼େ । ଅକଳନ୍ତି ସମବେଦନା ଚିତ୍ର ଏଥିରେ ଚିତିତ୍ର । ତାଙ୍କ ରଚିତ 'ଆବର୍ତ୍ତର ଦୁଇଟି ସ୍ୱର'ରେ ଥିବା 'ଶେଷ ପର୍ଯ୍ୟନ୍ତ', 'ଆକାଶ ସେତୁ' ଗଳ୍ପ ସଂକଳନରେ 'ସମୟ', 'ଧୂଳିଘର', 'ଏକା ଏକା ଆପଣାର', 'ବହୁବ୍ରୀହି' ଗଳ୍ପ ସଂକଳନର 'ବିବସ୍ତ୍ର', 'ଲୁବ୍ଧକର ରାତି' ଗଳ୍ପ ସଂକଳନର, 'ଅବଶିଷ୍ଟ ଜହ୍ନରାତି', 'ଜହ୍ନରାତି ଗପ ସରି ନାହିଁ' ଗଳ୍ପ ସଂକଳନର 'ଫେରିବାର ବାଟ' ପ୍ରଭୃତି ଗଳ୍ପଗୁଡ଼ିକରେ କରୁଣ ପରିବେଶର ବର୍ଣ୍ଣନା, ସନ୍ଧ୍ୟାକାଳୀନ ଚନ୍ଦ୍ରାଙ୍କିତ ପରିବେଶ, ବର୍ଷା ସମୟର ପ୍ରାକୃତିକ ପରିବେଶ ଜହ୍ନରାତିରେ ଅରଣ୍ୟର ବର୍ଣ୍ଣନା, ନିର୍ଜନ ପ୍ରକୃତିର ବର୍ଣ୍ଣନା, ନିଛାଟିଆ ପରିବେଶର ବର୍ଣ୍ଣନା ଅତି ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି ତରୁଣକାନ୍ତି ମିଶ୍ର ।

ତରୁଣକାନ୍ତିଙ୍କ ରଚନା ଶୈଳୀ ହିଁ ପାଠକମାନଙ୍କୁ ତାଙ୍କ ଗଳ୍ପ ପ୍ରତି ବିଶେଷ ଭାବରେ ଆକର୍ଷିତ କରିଥାଏ । ତାଙ୍କ ଲେଖନୀର କୁହୁକ ସ୍ପର୍ଶରେ ଗଳ୍ପଗୁଡ଼ିକ ହୁଏ ଅଧିକ ପ୍ରାଣବନ୍ତ ଓ ମର୍ମସ୍ପର୍ଶୀ । ତରୁଣକାନ୍ତି ସେହିଭଳି ଜଣେ ଉଚ୍ଚକୋଟୀର ଗାଳ୍ପିକ ଯିଏ ଆପଣାର ଚମତ୍କାର ରଚନା ଶୈଳୀ ମାଧ୍ୟମରେ ପାଠକମାନଙ୍କୁ ଅଭିଭୂତ କରିପାରନ୍ତି ଗଭୀର ଭାବରେ ।

### ସହାୟକ ଗ୍ରନ୍ଥସୂଚୀ :

[୧.] ସାମଲ, ବୈଷ୍ଣବ ଚରଣ. 'ଓଡ଼ିଆ ଗଳ୍ପ – ଗଳ୍ପ ଓ ପ୍ରକୃତି', ପ୍ରଥମ ସଂସ୍କରଣ, ପୃ.୨୬୦

[୨.] ସାମଲ, ବୈଷ୍ଣବ ଚରଣ. 'ଓଡ଼ିଆ ଗଳ୍ପ - ଗତି ଓ ପ୍ରକୃତି', ପୃ.୧୮୪

[୩.] 'ଶୈଳୀ ବିଜ୍ଞାନ', ଓଡ଼ିଆ ଗବେଷଣା ପରିଷଦ, ମାଧବୀ ପ୍ରିଣ୍ଟର୍ସ, ରାଜାବଗିଚା, କଟକ, ପ୍ରଥମ ପ୍ରକାଶ, ୧୮୮୯, ପୃ.୧

[୪.] ନାୟକ, ରଙ୍ଗାଧର. 'ତରୁଣକାନ୍ତି ମିଶ୍ରଙ୍କ କ୍ଷୁଦ୍ରଗଳ୍ପରେ ଜୀବନ ଜିଜ୍ଞାସାବୋଧ', କାହାଣୀ, ଶରତ, ୨୦୦୯, ପୃ.୩୬୦

[୫.] ପରିଡ଼ା, ନୀଳମଣି. 'ତରୁଣକାନ୍ତି ମିଶ୍ରଙ୍କ ଗଳ୍ପଜଗତ', ବର୍ତ୍ତିକା, ୨୦୦୧, ପୃ.୬୨୯

[୬.] ବାରିକ, କବିତା. 'ଶହେ ବର୍ଷର ଓଡ଼ିଆ କ୍ଷୁଦ୍ରଗଳ୍ପ: ଏକ ତାତ୍ତ୍ୱିକ ବିଶ୍ଳେଷଣ', ବିଦ୍ୟାପୁରୀ, କଟକ-୨, ପ୍ରଥମ ପ୍ରକାଶ, ପୃ.୩୩୧

[୭.] ପରିଡ଼ା, ନୀଳମଣି. 'ତରୁଣକାନ୍ତି ମିଶ୍ରଙ୍କ ଗଳ୍ପଜଗତ', ବର୍ତ୍ତିକା, ୨୦୦୧, ପୃ.୬୨୯

[୮.] ପରିଡ଼ା, ନୀଳମଣି. 'ତରୁଣକାନ୍ତି ମିଶ୍ରଙ୍କ ଗଳ୍ପଜଗତ', ବର୍ତ୍ତିକା, ୨୦୦୧, ପୃ.୬୨୬